# Akashvani, Sambalpur

## SAMBALPURI NEWS BULLETIN

### 16 September 2025 - 6.47- 6.52 am.

*****************************************************

ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ	ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆଏବା ୧୮ ତାରିଖ୍ ଦିନ ରାଜ୍ୟ ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ମୁଲ୍ ହେବା । ଅଧିବେଶନ୍ ଆଘୋନୁ ବାଚସ୍ପତି ସୁରମା ପାଢ଼ୀ ଆଏଜ୍ ସର୍ବଦଳୀୟ ବୈଠକ୍ ଡାକିଛନ୍ । ବିଧାନ୍‌ସଭା ମୌସୁମୀ ଅଧିବେଶନ୍ ଶୃଙ୍ଖଲିତ୍ ଭାବେ ପରିଚାଳନା କର୍‌ବାର୍‌କେ ନେଇକରି ବାଚସ୍ପତି ସବୁ ଦଳର୍ ପ୍ରତିନିଧି ମାନ୍‌କର୍ ସାଙ୍ଗେ ବୈଠକ୍‌ଥି ଆଲୋଚନା କର୍‌ବେ । ସୂଚ୍‌ନା ଅନ୍‌ସାରେ ଆଏବା ୧୮ ତାରିଖ୍ ମୁଲ୍ ହେବାର୍‌କେ ଥିବା ଅଧିବେଶନ୍ ୨୫ ତାରିଖ୍ ସର୍‌ବା, ଆଉ ଇଥି ୭ ଟା କାର୍ଯ୍ୟଦିବସ୍ ରହିଛେ ।

ନୂଆଁ ଅଙ୍ଗନବାଡ଼ି କେନ୍ଦ୍ର	ଆର୍‌ଏନ୍‌ୟୁ/ ସମ୍ବଲପୁର

ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ଆଉ ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ମିଲିତ୍ ଭାବେ ଆଏଜ୍ ସାରା ରାଏଜେ ନୂଆଁକରି ତିଆର୍ ହେଇଥିବା ୯

ଶହ ୧୩ ଟା ଅଙ୍ଗନବାଡ଼ି କେନ୍ଦ୍ରର୍ ଆଭାସୀ ଜରିଏ ଉଦ୍‌ଘାଟନ୍ କରାଯିବା । ଭୁବ୍‌ନେଶ୍ୱର୍ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ସମ୍ମିଲନୀ କକ୍ଷ ନ ହେବାର୍ କେ ଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ଅଙ୍ଗନବାଡ଼ି କେନ୍ଦ୍ର ମାନ୍‌କର୍ ଶୁଭାରମ୍ଭ କର୍‌ବେ ।

ସୁସ୍ଥ ନାରୀ, ସଶକ୍ତ ପରିବାର୍ ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶ୍ ଆଉ ରାଏଜେ ମହିଲା ଆଉ ଟୁକେଲ୍ ଛୁଆକର୍ ସ୍ୱାସ୍ଥ୍ୟକେ ନଜର୍‌ଥି ରଖିକରି କେନ୍ଦ୍ର ସର୍‌କାର୍ ସାରା ଦେଶେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ କର୍‌ବାର୍‌କେ ଯାଉଛନ୍ । ଆଏବା କାଏଲ୍ ହେବାର୍‌କେ ଥିବା 'ସୁସ୍ଥ ନାରୀ, ସଶକ୍ତ ପରିବାର୍' ଅଭିଯାନ୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶ୍‌ର ଧର୍ ଜିଲ୍ଲାନୁ ଶୁଭାରମ୍ଭ କର୍‌ବେ । ଇ ଅଭିଯାନ୍ ଅକ୍ଟୋବର୍ ୨ ତାରିଖ୍‌ତକ୍ ଚାଲ୍‌ବା । ସେନ୍ତା ରାଏଜେ ସବୁ ବୟସ୍‌ର ମହିଲା ଆଉ ଟୁକେଲ୍‌ମାନ୍‌କର୍ ଲାଗି ସ୍ୱାସ୍ଥ୍ୟ ପରୀକ୍ଷା, ପୁଷ୍ଟିସାର୍, ସୁସ୍ଥତା ସେବା ଉପ୍‌ରେ ଜହ ଧ୍ୟାନ୍ ଦିଆଯିବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇଥିର୍‌ଲାଗି ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ୟୁନିଟ୍-୩ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆଠାନେ ଖାସ୍ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍

ମୁକେଶ୍ ମହାଲିଙ୍ଗ୍ଙ୍କର୍ ସହେତେ ଅଲ୍‌ଗା ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ୍ ରହେବେ ।

ବଡ୍ ବୃକ୍ଷରୋପଣ୍ ଅଭିଯାନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ଆଏବା କାଏଲ୍ ରାଏଜେ ବଡ୍ ବୃକ୍ଷରୋପଣ୍ ଅଭିଯାନ୍ ହେବା । ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ର ତୟାରି ବାବ୍‌ଦେ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମୀକ୍ଷା କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ବୈଠକ୍‌ଥି ବିଭାଗୀୟ ଅଧିକାରୀମାନ୍‌କର୍ ସହେତେ ଆଭାସୀ ଜରିଏ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍ ମାନେ ଯୋଗ୍ ଦେଇଥିଲେ ।

ଅକ୍ଷୟ ଶକ୍ତି ଆଉ ସ୍ୱଚ୍ଛ ଶକ୍ତି          ଆର୍‌ଏନ୍‌ୟୁ ସମ୍ବଲପୁର

'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି କେନ୍ଦ୍ର ସର୍‌କାର୍ ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ ପରିବର୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ ।

ସର୍କାର୍ଙ୍କର୍ ଦୂରଦୃଷ୍ଟି ସମ୍ପନ୍ନ ନୀତି ଲାଗି ଭାରତ୍ ଆଏଜ୍ ସାରା ପୁର୍ଥି ନ ଆଗ୍ଧାଡ଼ିର୍ ଅକ୍ଷୟଶକ୍ତି ଉତ୍ପାଦନ୍କାରୀ ଦେଶ୍ମାନ୍କର୍ ଭିତ୍ରେ ନିଜର୍ ଥିତି ବର୍କସ୍ କରିପାରିଛେ । ଗଲା ୧୦ ବଛର୍ ଭିତ୍ରେ ଭାରତ୍ର ଶକ୍ତି ଯାତ୍ରାଥି ବଡ଼ ପରିବର୍ତନ୍ ଆସିଛେ ।
ମାର୍ଚ୍ଚ ୨୦୧୪ ନୁ ଜୁନ୍ ୨୦୨୫ ଭିତ୍ରେ ଦେଶର୍ ଅକ୍ଷୟ ଶକ୍ତିର୍ କ୍ଷମତା ପାଖାପାଖି ୩ ଗୁନା ବଢ଼ିକରି ୨ ଶହ ୨୬ ଦଶ୍ମିକ୍ ୮ ଗିଗାୱାଟ୍ଥି ପୁହୁଁଚିଛେ ।

ନୂଆପଡ଼ା ଉପନିର୍ବାଚନ-ବୈଠକ୍ I&PR

ନୂଆପଡ଼ା ବିଧାନ୍ସଭା ନିର୍ବାଚନ୍ ମଣ୍ଡଳୀର୍ ଉପନିର୍ବାଚନ୍କେ ନେଇକରି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ୍ ବାବ୍ଦେ ଗଲାକାଏଲ୍ ଭୁବ୍ନେଶ୍ୱର୍ ଠାନେ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ସ୍ୱୀକୃତି ପ୍ରାପ୍ତ ସବୁ ରାଜନୈତିକ୍ ଦଲର୍ ଗୁଟେ ବୈଠକ୍ ହେଇଯାଇଛେ । ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ବୈଠକ୍ଥି ରାଜନୈତିକ୍ ଦଲ୍ ମାନେ ଜଲ୍ଦି ବୁଥ୍ସ୍ତରର୍ ଏଜେଂଟ୍ ନିଯୁକ୍ତ କରିକରି ସଂକ୍ଷିପ୍ତ ସଂଶୋଧନ୍ ପ୍ରକ୍ରିୟାକେ ତଲ୍ସ୍ତର୍ ନ ଅଏତ୍କା କ୍ରିୟାଶୀଲ୍ କର୍ବାର୍ ଉପ୍ରେ ଜୋର୍ ଦେଇଥିଲେ । ବୈଠକ୍ଥି ନିର୍ବାଚନ୍ ମଣ୍ଡଳୀର୍ ଚିଠା ଭୋଟର୍ ତାଲିକାର୍ ଗୁଟେ ନକଲ୍ ରାଜନୈତିକ୍ ଦଲର୍ ପ୍ରତିନିଧି ମାନ୍କୁ ଦିଆଯାଇଥିଲା ।

ସମଲେଶ୍ୱରୀ- ଅନ୍ନଭୋଗ୍ ଚାଉଲ୍        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କୁ ଭୋଗ୍ ଲଗାବାର୍ ଲାଗି ବର୍‌ଗଡ୍ ଜିଲ୍ଲା ପଦମ୍‌ପୁର୍‌ନୁ ଖାସ୍ ଚାଉଲ୍ ଆସ୍‌ବା । ଖାସ୍ ଜୈବିକ୍ ପଦ୍ଧତିଥି ଚାଷ୍ କରାଯାଉଥିବା ଇ ଚାଉଲ୍ ଆଏବା ଜାନୁଆରୀ ମାସୁ ମନ୍ଦିର୍‌କେ ଆସ୍‌ବା । ଇଥିର୍‌ଲାଗି ଆଏଜ୍ ପଦମ୍‌ପୁର୍ ଅଂଚଲର୍ ଚାଷୀମାନେ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ୍ କାର୍ଯ୍ୟାଳୟକେ ଆସିକରି ସଭାପତିଙ୍କର୍ ସଙ୍ଗେ ଆଲୋଚନା କରିଛନ୍ ।

ବିଶ୍ୱ ପ୍ରାଥମିକ୍ ସାହାଜ୍ ଦିବସ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଟୁଟୁସିଂହା ପଂଚାୟତ୍ ଉଚ୍ଚବିଦ୍ୟାଳୟ ନ ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଥମିକ୍ ସାହାଜ୍ ଦିବସ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ରେଡ୍‌କ୍ରସ୍‌ର ମୁଖ୍ୟ ପ୍ରଶିକ୍ଷକ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌କୁ ରେଡ୍‌କ୍ରସ୍‌ର ଭୂମିକା ଆଉ ପ୍ରାଥମିକ ଚିକିତ୍ସାର୍ ସାହାଜ୍ ବାବ୍‌ଦେ ବୁଝେଇଥିଲେ ।

ସିବିଏସ୍‌ଇ- ବୋର୍ଡ୍ ପରୀକ୍ଷା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ - ସିବିଏସ୍‌ଇ ତର୍‌ଫୁ ୧୦ ଆଉ ୧୨ ଶ୍ରେଣୀ ପରୀକ୍ଷାର୍ଥୀମାନ୍‌କର୍ ଲାଗି ରହିଥିବା କେତେଟା ଦ୍ୱନ୍ଦକେ ଦୂର୍ କରାଯାଇଛେ । ବୋର୍ଡ଼ ପରୀକ୍ଷା ଦେବାର୍ ଲାଗି ଛାତ୍ରଛାତ୍ରୀମାନ୍‌କର୍ ସବୁନୁ କମ୍ ଉପସ୍ଥିତି ହାର ୭୫ ପ୍ରତିଶତ୍‌କେ ଧାରିଜ୍ କରାଯାଇଛେ । ଇଟା କମ୍ ରହେଲେ ଆଭ୍ୟନ୍ତରିଣ ମୂଲ୍ୟାଙ୍କନ୍ କରାଯାଇନାଇଁପାରେ ଆଉ ଫଲାଫଲ୍ ଭିଲ୍ ଘୋଷ୍‌ନା ନାଇଁ ହେଇପାରେ । ୧୦ ଶ୍ରେଣୀଥି ୨ ଟା ଆଉ ୧୨ ଶ୍ରେଣୀଥି ଗୁଟେ ଅତିରିକ୍ତ ବିଷେ ଦିଆଯିବା । ସିବିଏସ୍‌ଇ ନୁ ବିଦ୍ୟାଲୟ ଅନୁମତି ନାଇଁ ପାଇଥିଲେ ଛାତ୍ରଛାତ୍ରୀମାନ୍‌କୁ ଅତିରିକ୍ତ ବିଷେ ମିଲିନାଇଁପାରେ ବଲି କୁହାଯାଇଛେ । ୧୦ ଆଉ ୧୨ ପରୀକ୍ଷା ଲାଗି ସିବିଏସ୍‌ଇ ତର୍‌ଫୁ ଜାରି ହେଇଥିବା ନୋଟିସ୍‌ଥି ବୋର୍ଡ଼ ପରୀକ୍ଷା ଦେବାର୍ ଲାଗି ଛାତ୍ରଛାତ୍ରୀମାନ୍‌କୁ ୨ ବଛର୍ ପଢ଼୍‌ବାର୍ ବାଧ୍ୟତାମୂଲକ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ଆଏବା ୧୯ ତାରିଖ୍‌ତକ୍ ଆଉ ଗୁଟେ ଘୂର୍ଣ୍ଣିବଲୟ ହେବାର୍ ସମ୍ଭାବନା ଅଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ସାରା ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ

ସମ୍ବଲ୍‌ପୁର, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲାକେ ବିଜ୍‌ଲି, ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍ ଭଣ୍ଡାର ନ ଆଏଜ୍ ୬ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର ୬ ଶହ ୨୯ ଦଶମିକ୍ ୩/ ୧ ଫୁଟ୍ ରହିଛେ ।